

ଇବ୍ ଥର୍ମାଲ୍‌ରେ ଆୟୋଜିତ ନୂଆଁଖାଇ ଭେଟ୍‌ଘାଟ୍ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ।

# ଇବ୍ ଥର୍ମାଲ୍‌ରେ ନୂଆଁଖାଇ ଭେଟ୍‌ଘାଟ୍

ଲଖନପୁର, ୨୦।୧୦ (ଡି.ଏନ୍.ଏ)- ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର ଝାରସୁଗୁଡ଼ା ଜିଲା ବନହରପାଲିସ୍ଥିତ ଇବ୍ ତାପଜ ବିଦ୍ୟୁତ୍ କେନ୍ଦ୍ର ପରିସରରେ ଥିବା ଇବ୍ କ୍ଲବ୍ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମା' ସମଲେଶ୍ୱରୀଙ୍କୁ ଘଣ୍ଟ, ବାଦ୍ୟ ସହ ପଟୁଆରରେ କ୍ଲବ୍ ପରିସରରୁ ଶିବ ମନ୍ଦିର ପର୍ଯ୍ୟନ୍ତ ନିଆଯାଇଥିଲା । ସେଠାରେ ପୂଜାର୍ଚ୍ଚନା ଶେଷ ହେବା ପରେ ମା'ଙ୍କୁ ପଟୁଆରରେ କଲୋନୀ ପରିକ୍ରମା କରାଯାଇ କ୍ଲବ୍‌ର ସାଂସ୍କୃତିକ ମଣ୍ଡପରେ ସ୍ଥାପନ କରାଯାଇଥିଲା । ସନ୍ଧ୍ୟା ଅଧିବେଶନରେ ପ୍ରକଳ୍ପ ଡାକ୍ତରଖାନାର ମୁଖ୍ୟ ଚିକିତ୍ସକ ଡ. ବିଜୟାଲାଲ୍ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା କବି ଶ୍ରୀବତ୍ସ ସାହୁ ଓ ସମ୍ମାନିତ ଅତିଥି ଭବେ ଇବ୍ ଥର୍ମାଲ୍ ଫ୍ୟାକ୍ଟ୍ରି ମ୍ୟାନେଜର ପି.କେ. ମହାପାତ୍ର ଏବଂ ଇବ୍ ସାଧାରଣ ସମ୍ପାଦକ ପରମେଶ୍ୱର ସା ଉପସ୍ଥିତ ଥିଲେ । ଶିବ ପତି ସଭା ସଞ୍ଚାଳନ କରିଥିବାବେଳେ ପରମେଶ୍ୱର ସା ଅତିଥି ପରିଚୟ ଦେଇଥିଲେ । ମୁଖ୍ୟବକ୍ତା କବିତା ମାଧ୍ୟମରେ ନୂଆଁଖାଇ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ । ମୁଖ୍ୟବକ୍ତାଙ୍କୁ କ୍ଲବ୍ ପକ୍ଷରୁ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ସମ୍ବଲପୁରର କଳା ଓ କଳାକାର ମେଲୋଡ଼ି ଗ୍ରୁପ୍ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପ୍ରକଳ୍ପର ବରିଷ୍ଠ ପଦାଧିକାରୀ ଚିତ୍ତରଞ୍ଜନ ସ୍ୱାଇଁ, ଦିଲୀପ ପଣ୍ଡା, ହିମାଂଶୁ ବେହେରା ପ୍ରମୁଖ ଅଧିକାରୀମାନେ ଯୋଗ ଦେଇଥିଲେ । ଭେଟ୍‌ଘାଟ୍ ଆୟୋଜନରେ କ୍ଲବ୍ ସଦସ୍ୟ ମେଘନାଦ ସେଠୀ, ଦିଲୀପ ଠାକୁର, ଅକ୍ଷୟ ହାତୀ, ଦିଲୀପ ପ୍ରଧାନ, ପ୍ରକାଶ ପଣ୍ଡା, ସଞ୍ଜୟ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।